# ଆର୍‌ଏସ୍‌ପି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

**ରାଉରକେଲା, ୨୧।୬ (ସମିସ)**

ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସରେ ଇସ୍ପାତ ସହରର ୭୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ, ସକାଳେ ରାଉରକେଲାର ସେକ୍ଟର-୨ ସ୍ଥିତ ଇଣ୍ଡୋ-ଜର୍ମାନ କ୍ଲବରେ ଗଣ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଦୀପିକା ମହିଳା ସଂହତିର ସଭାନେତ୍ରୀ ନମ୍ରତା ବର୍ମା, ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ, ସିଏମ୍‌ଏଲ୍‌ଓ) ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନିଲ କୁମାର, ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ (ସେବା) ଅତିଶ ଚନ୍ଦ୍ର ସରକାର, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ଡିଏମ୍‌ଏସ୍‌ର ସମସ୍ତ ଉପସଭାନେତ୍ରୀ ସ୍ମିତା ଗିରି, ବନ୍ଦନା ସିଂହ ଓ ନବନୀତା ପାଲ୍ ଚୌଧୁରୀ, ଆରଏସପିର ଅନେକ ମୁଖ୍ୟ ମହା ପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସହର ସାରା ଥିବା ଆରଏସପିର ବିଭିନ୍ନ କମ୍ୟୁନିଟି ସେଣ୍ଟରରେ ପରିଚାଳିତ ହେଉଥିବା ଭିନ୍ନ ଭିନ୍ନ ଯୋଗ କେନ୍ଦ୍ରର ନିୟମିତ ଯୋଗ ଅଭ୍ୟାସକାରୀ ଏବଂ ସବୁ ବୟସର ଲୋକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୋଗ ପ୍ରଦର୍ଶନ କରିଥିଲେ। ପତଞ୍ଜଳି ଯୋଗ ସମିତି, ସୁନ୍ଦରଗଡ଼ର ଯୋଗ ଗୁରୁ ଏବଂ ସଭାପତି ଅକୃର ମାର୍ଥାଙ୍କ ନେତୃତ୍ୱରେ ଆରଏସପି ଯୋଗ କେନ୍ଦ୍ରର ଯୋଗ ଶିକ୍ଷକମାନଙ୍କ ଦ୍ୱାରା ଏହି ଶିବିର ପରିଚାଳିତ ହୋଇଥିଲା। ସିଲିକନ ଷ୍ଟିଲ୍ ମିଲ୍‌ର ଜୁନିୟର ଇଞ୍ଜିନିୟର ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ଇଣ୍ଡୋ-ଜର୍ମାନ କ୍ଲବରେ ଆଉ ଏକ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ



ବାସିନ୍ଦାମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସେହିପରି ସେକ୍ଟର-୨୨ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ଯୋଗ ଶିବିରରେ ୨୦୦ ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ପତଞ୍ଜଳି ଯୋଗ ସମିତି, ସୁନ୍ଦରଗଡ଼ର ପ୍ରଶିକ୍ଷକ ତ୍ରିଲୋଚନ ପରିଡ଼ା ଏବଂ ସଂଗଠନର ସ୍ୱେଚ୍ଛାସେବୀମାନେ ଯୋଗାସନ କରିବା ପାଇଁ ମାର୍ଗଦର୍ଶନ କରିଥିଲେ। ଜି.ଏମ. (ପି.ଏଚ.ଏସ, ଏସ.ଡବ୍ଲୁ ଏବଂ ଏୟାରପୋର୍ଟ) ଜେ. ପି. ମିଶ୍ରଙ୍କ ସକ୍ରିୟ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରକୋଷ୍ଠର ଉପ ପ୍ରବନ୍ଧକ ରଘୁନନ୍ଦନ ପାଢ଼ୀଙ୍କ ଦ୍ୱାରା ଏହି ଶିବିରଗୁଡ଼ିକର ସଞ୍ଚାଳନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଯୋଗକୁ ପ୍ରୋତ୍ସାହିତ କରିବା ଏବଂ ବାସିନ୍ଦାମାନଙ୍କୁ ସୁସ୍ଥ ଜୀବନଯାପନ ପାଇଁ ଅନୁପ୍ରାଣିତ କରିବା ଲକ୍ଷ୍ୟରେ ଆରଏସ୍‌ପି ୧୪ଟି ଯୋଗ କେନ୍ଦ୍ର ପରିଚାଳନା କରୁଛି।

## ରାଉରକେଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ | ମନ ଓ ମସ୍ତିଷ୍କକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ଯୋଗ










**ରାଉରକେଲା, ୨୧।୬ (ସମିସ):** ଇସ୍ପାତ ସହର ରାଉରକେଲାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅତ୍ମାର ପରମାତ୍ମା ସହ ସଂଯୋଗ ହିଁ ଯୋଗ। ମନ ଓ ମସ୍ତିଷ୍କକୁ ସୁସ୍ଥ ରଖିବାରେ ଯୋଗ ସହାୟକ ହେବା ସହ ନିୟମିତ ଯୋଗାଭ୍ୟାସ ମାନସିକ ଏବଂ ଶାରୀରିକସ୍ତରରେ ମଣିଷକୁ ସୁସ୍ଥ ରଖିଥାଏ ବୋଲି ଆୟୋଜିତ ଯୋଗ ଶିବିରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମହାନଗର ନିଗମ ତରଫରୁ ଯୋଗ ମହୋତ୍ସବ ସମିତି, ରାଉରକେଲା ମହାନଗର ସହଯୋଗରେ ସ୍ଥାନୀୟ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ସମବେତ ହୋଇ ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ ଉପସ୍ଥିତ ରହି ବିଶ୍ୱକୁ ଭାରତ ଦେଇଥିବା ଉପହାର ମଧ୍ୟରେ ଯୋଗ ଅନ୍ୟତମ ବୋଲି କହିଥିଲେ।

ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର, ରାଉରକେଲା ବନଖଣ୍ଡ ଅଧିକାରୀ ରବି ମୀନା, ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।









### ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ

**ରାଉରକେଲା, ୨୧।୬ (ସମିସ):** ସ୍ଥାନୀୟ ଜଳଦା ସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ସଂଯୋଜିକା ତଥା ହିନ୍ଦୀ ଅଧ୍ୟାପିକା ମାଣିକ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୋଗ ଶିବିରକୁ କ୍ରୀଡ଼ା ପ୍ରଶିକ୍ଷିକା ଇତିଶ୍ରୀ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମୈତ୍ରୀ ବାଘେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ମାନବ ସମାଜ ପାଇଁ ଯୋଗ ହେଉଛି ଏକ ଦୁର୍ମୂଲ୍ୟ ଅବଦାନ, ଯାହାକି ମଣିଷକୁ ମାନସିକ ଏବଂ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାଏ। ଅଧ୍ୟାପକ ମାଣିକ ପଣ୍ଡା ସ୍ୱାଗତ ଭାଷଣ ଦେଇ 'ସୁସ୍ଥ ଜୀବନ ପାଇଁ ଯୋଗ' ଆଜିର ବାର୍ତ୍ତା ରଖାଯାଇଥିବା ସୂଚନା ଦେଇ ନିୟମିତ ଯୋଗାଭ୍ୟାସ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ଡକ୍ଟର ମୀନତି ଦାସ, ଡକ୍ଟର ସୁରଭି ସାହୁ, ନିକିତା କେରକେଟା, କର୍ମଚାରୀ ଲଳିତମୋହନ କରଙ୍କ ସମେତ ମହାବିଦ୍ୟାଳୟର ଏନଏସଏସ ଛାତ୍ରୀଙ୍କ ସହ ଅନ୍ୟ ଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ। ପ୍ରାକ୍ତନ ଛାତ୍ରୀ ବସୁଧା ମଣ୍ଡଳ ବିଭିନ୍ନ ଯୋଗର ପ୍ରଦର୍ଶନ କରିଥିଲେ।

### ପାନପୋଷ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

**ରାଉରକେଲା, ୨୧।୬ (ସମିସ):** ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା' ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟର ସଭାପତି ଭବାନୀ ଶଙ୍କର ଚାନ୍ଦେଲ୍, ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ, ସମିତି ସଦସ୍ୟ ଅର୍ଜୁନ ସାହୁ, ଆର୍ଟ ଅଫ୍ ଲିଭିଂର ପ୍ରଶିକ୍ଷକ ବାଙ୍କ ବିହାରୀ ଦାସ ଏବଂ ସ୍ମିତା ରାଣୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ବାଙ୍କ ବିହାରୀ ଦାସ ଉପସ୍ଥିତ ସମସ୍ତ ଶିଶୁ, ଅଭିଭାବକ/ଅଭିଭାବିକା, ଗୁରୁଜୀ-ଗୁରୁମା ଏବଂ ଅତିଥି ଅଧିକାରୀ ମାନଙ୍କୁ ବିଭିନ୍ନ ଯୋଗାଭ୍ୟାସ କରାଇଥିଲେ। ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟା ରେଣୁଲତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସରବତୀ ଦେବୀ ମହିଳା ମହାବିଦ୍ୟାଳୟ

**ରାଉରକେଲା:** ସ୍ଥାନୀୟ ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟପକ୍ଷରୁ ମହାବିଦ୍ୟାଳୟପରିସରରେଅଧ୍ୟକ୍ଷ ଡକ୍ଟର ଅଶୋକ କୁମାର ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନଏସଏସ ଓ ଏନସିସି ଏବଂ ଅନ୍ୟାନ୍ୟ ଛାତ୍ରୀମାନେ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡକ୍ଟର ବେଉରା ସ୍ୱାଗତ ଭାଷଣ ଦେଇ ଶୃଙ୍ଖଳିତ ଓ ସନ୍ତୁଳିତ ଜୀବନ ଧାରଣ ପାଇଁ ଯୋଗାଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇକ୍ୟୁଏସି ସଂଯୋଜକ ସପନ କୁମାର ପଣ୍ଡା ସୁସ୍ଥ ଓ ନିରୋଗ ଜୀବନ ପାଇଁ ନିୟମିତ ଯୋଗାଭ୍ୟାସ ଜରୁରୀ ବୋଲି କହିଥିଲେ। ଏନଏସଏସ ସଂଯୋଜିକା ସଞ୍ଚିତା ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ହେମକାନ୍ତି ମେହେର ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ପ୍ରଶିକ୍ଷିକା ପୁଷ୍ପଲତା ଷଡଙ୍ଗୀ ବିଭିନ୍ନ ଯୋଗ ପ୍ରଦର୍ଶନ କରିଥିଲା ବେଳେ ଏନସିସି ଅଧିକାରୀ ସୁସ୍ମିତା ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

### ବଣାଇଁ ଉପଖଣ୍ଡ

**ବଣାଇଁ:** ବଣାଇଁ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ବଣାଇଁ ପ୍ରଶାସନ ପକ୍ଷରୁ ପିଏଆଇଟିଡିଏ ସମ୍ମିଳନୀ ସଭାଗୃହ ସମ୍ମୁଖସ୍ଥ ହକି ପ୍ରଶିକ୍ଷଣ କେନ୍ଦ୍ର ପଡ଼ିଆରେ ଏକ ବୃହତ୍ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସ କରିବା ସହ ଉପସ୍ଥିତ ଲୋକଙ୍କୁ ଯୋଗର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ, ବଣାଇଁ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋ, ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ସମେତ ବହୁ ଅଧିକାରୀ, ବରିଷ୍ଠ ନାଗରିକ, ଜନସାଧାରଣ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ଯୋଗ ଗୁରୁ ଲିତୁ ପଣ୍ଡା, ସସ୍ମିତା ମହାନ୍ତ ଓ ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତପନ କୁମାର ଦଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ।

### ଗାୟତ୍ରୀ ଶକ୍ତିପୀଠ ପରିସର

**ରାଉରକେଲା:** ରାଉରକେଲା ସେକ୍ଟର-୨ ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ଯୁବ ପ୍ରକୋଷ୍ଠ, ଗାୟତ୍ରୀ ପରିବାର ରାଉରକେଲା ଏବଂ ନ୍ୟାସନାଲ ଅର୍ବାନ ହେଲ୍‌ଥ ମିଶନର ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରାୟ ୨୫୦ରୁ ଅଧିକ ଯୋଗପ୍ରେମୀ ଓ ସହରର ୧୦ଟିରୁ ଅଧିକ କ୍ରୀଡ଼ା ସଂଗଠନ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ଶାରଦା ନାୟକ ଯୋଗଦେଇ ନିୟମିତ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ମତ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ଏଡିପିଏଚଓ ଡ଼ଃ ଶ୍ରୀମନ୍ତ ପଟ୍ଟନାୟକ ନିୟମିତ ଯୋଗାଭ୍ୟାସ ଦ୍ୱାରା ସୁସ୍ଥ ବାର୍ଦ୍ଧକ୍ୟ ସମ୍ଭବ ବୋଲି କହିଥିଲେ। ଗାୟତ୍ରୀ ପରିବାର ଟ୍ରଷ୍ଟର ସଦସ୍ୟ ପ୍ରଦୀପ୍ତ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ ଟ୍ରଷ୍ଟି ପ୍ରମୋଦ ଅଗ୍ରୱାଲ ମନ୍ତ୍ର ଚାଦର ପ୍ରଦାନ କରି ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ମଞ୍ଚରେ ଗୁରୁଦତ୍ତ ପୁରୋହିତ, ଶକ୍ତି ମିଶ୍ର ଏବଂ ଅଖିଳ ମାରୱାଡ଼ୀ ମହିଳା ସମିତିର ଅଧ୍ୟକ୍ଷା ବବିତା ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ା ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଜ୍ଞାନରଞ୍ଜନ ପ୍ରହରାଜ, ଆର୍. ଆବୁ, ପ୍ରେମ ପ୍ରକାଶ, ଆଲୋକ ପ୍ରଧାନ, ବବିତା ଅଗ୍ରୱାଲ ଏବଂ ଡ଼ଃ ଶ୍ରୀମନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜନ ସଚିବ ତଥା ଯୋଗଗୁରୁ ସୁଶାନ୍ତ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କୁମାରୀ ବୈଷ୍ଣବୀ ଓ ଜାହ୍ନବୀ ମଞ୍ଚ ସଞ୍ଚାଳନ କରିଥିଲେ। ଚନ୍ଦ୍ରଶେଖର ସ୍ପୋର୍ଟ୍ସ ଆସୋସିଏସନ୍ ଏବଂ ରାଉରକେଲା ଯୋଗାସନ ସ୍ପୋର୍ଟ୍ସ ଏକାଡେମୀର ସଦସ୍ୟମାନେ ସହଯୋଗ କରିଥିଲେ।

### ଉତ୍କଳ ସ୍ନେହୀ ମହିଳା ସମିତି

**ରାଉରକେଲା:** ଉତ୍କଳ ସ୍ନେହୀ ମହିଳା ସମିତି ତରଫରୁ ଏକ ଯୋଗ ଶିବିର ସବିତା ସାହୁଙ୍କ ନେତୃତ୍ୱରେ ଛେଣ୍ଡ କଲୋନୀରେ ଅନୁଷ୍ଠିତ ହୋଇଯାଇଛି। ଯୋଗ ପ୍ରଶିକ୍ଷିକା ସ୍ନିଗ୍ଧା ସାମନ୍ତରାୟଙ୍କ ମାର୍ଗଦର୍ଶନରେ ସମିତିର ସଭ୍ୟାମାନେ ଓ ତାଙ୍କର ପରିବାରବର୍ଗ ଯୋଗାଭ୍ୟାସ କରିଥିଲେ। ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାକ୍ତର ଗୋକୁଳାନନ୍ଦ ସାହୁ, ମଞ୍ଜୁବାଳା ମହାପାତ୍ର, ନନ୍ଦିତା ପାତ୍ର, ସୁପ୍ରିୟା ମହାନ୍ତି, ବିଜୟଲକ୍ଷ୍ମୀ ମିଶ୍ର, ଗିତା ମିଶ୍ର, ଭାରତୀ କର, ପ୍ରୀତି ସାହୁ, ପ୍ରଜ୍ଞା ତ୍ରିପାଠୀ, ନାରାୟଣ ଚନ୍ଦ୍ର ଜେନା ଓ ସୁଧାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଲହୁଣୀପଡ଼ା ବ୍ଲକ ପଡ଼ିଆ

**ଲହୁଣୀପଡ଼ା:** ଲହୁଣୀପଡ଼ା ବ୍ଲକପଡ଼ିଆଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଛି। ଲହୁଣୀପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଲହୁଣୀପଡ଼ା ବିଡ଼ିଓ ଅନୁରାଗ ମିଶ୍ରଙ୍କ ସହ ସମସ୍ତ ବ୍ଲକ ଷ୍ଟାଫ୍, ଲହୁଣୀପଡ଼ା ବିଇଓ ଭଗବାନ ବଙ୍କିରା, ବଜରଙ୍ଗ ଦଳ ରାଉରକେଲା ଜିଲ୍ଲା ସଙ୍ଗଠକ ମୁଖ୍ୟ ଅନାଦୀ ଚରଣ ମାହାନ୍ତ, ୨ ଟି ବିଦ୍ୟାଳୟ ଯଥା ଲହୁଣୀପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ସହ ଉକ୍ତ ବିଦ୍ୟାଳୟ ଗୁଡିକର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଗୁରୁଜୀ ଗୁରୁମା, ଲହୁଣୀପଡ଼ା ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ଯୋଗ ଦିବସ ପାଳନ କରାଯାଇଥିଲା। ମାଷ୍ଟର ଟ୍ରେନର ଭାବରେ ହରିଶ୍ଚନ୍ଦ୍ର ମାହାନ୍ତ, ବିରଞ୍ଚି ନାୟକ ଏବଂ ସଂଯୁକ୍ତା ନାୟକ ଯୋଗ ପ୍ରଶିକ୍ଷିକାଙ୍କ ଦ୍ୱାରା ଉପସ୍ଥିତ ସମସ୍ତଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା।

# ମା' ପାର୍ବତୀ ଓ ଜଳେଶ୍ୱର ଦେବଙ୍କ ଦିବ୍ୟ ବିବାହ ସମ୍ପନ୍ନ

**ରାଉରକେଲା, ୨୧।୬ (ସମିସ)**

ସ୍ଥାନୀୟ ଉଦିତନଗର ଜଗନ୍ନାଥ ମନ୍ଦିର ପରିସରରେ ମାତା ପାର୍ବତୀଙ୍କର ଜଳେଶ୍ୱର ମହାଦେବଙ୍କ ସହ ଦିବ୍ୟ ବିବାହ ସମ୍ପନ୍ନ ହୋଇଛି। କନ୍ୟା ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର କିଶୋରୀ ଦାଶ ଏବଂ କନ୍ୟାପିତା ଭାବେ ଶରତ ଚନ୍ଦ୍ର ଦାଶ ସମସ୍ତ ଆୟୋଜନ କରିଥିବା ବେଳେ ଜଳେଶ୍ୱର ଦେବଙ୍କ ପକ୍ଷରୁ ରାଜୁ ମଲ୍ଲ ବିବାହର ସମସ୍ତ ଆୟୋଜନ କରିଥିଲେ। ଦେବବିବାହ ପୂର୍ବଦିନ କନ୍ୟା ବାସନ୍ତୀ କଲୋନୀ ସ୍ଥିତ ମିରାଶିଷ ଷ୍ଟଡ଼ି ସର୍କଲ୍ ସ୍ଥିତ କନ୍ୟା ପିତ୍ରାଳୟରେ ଉଭୟ ପରିବାର ଓ ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ପତ୍ରପେଣ୍ଡି (ନିର୍ବନ୍ଧ) କାର୍ଯ୍ୟ ସମାପନ ପରେ ସନ୍ଧ୍ୟାରେ ଜଗତଜନନୀଙ୍କୁ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଅଣାଯାଇ ସ୍ୱାଗତପାଇଁ ମହାପୂଜା ଓ ମଙ୍ଗଳ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡ଼କ୍ଟର କିଶୋରୀ ଦାଶଙ୍କ ମାତା ଦିବଂଗତା ଇନ୍ଦୁମତୀ ଦାଶଙ୍କ ଜନ୍ମଶତବାର୍ଷିକ ପାଳନ ଉପଲକ୍ଷେ ଆୟୋଜିତ ଏହି ଦିବ୍ୟକର୍ମର ଏକ ଅଂଶ ଭାବରେ ମଙ୍ଗଳଉତ୍ସବ ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର ପାଠଚକ୍ରର ବିଷୟବସ୍ତୁ 'ମାତା ପାର୍ବତୀଙ୍କ ପୃଥିବୀ ପୃଷ୍ଠରେ ମାନବୀୟ ଲୀଳାଖେଳା' ଉପରେ ବରେଣ୍ୟ ବକ୍ତା ଭାବେ ବ୍ରହ୍ମପୁରରୁ ଆସିଥିବା ବିଶିଷ୍ଟ ମାତୃ ସାଧକ ଭାଗିରଥି ମହାପାତ୍ର ବିସ୍ତୃତ ଆଲୋଚନା କରିଥିଲେ। ଦେବବିବାହ ଦିନ ବରପିତା ମଲ୍ଲ ପରିବାର ତରଫରୁ ଶ୍ରୀ ଶ୍ରୀ ଜଳେଶ୍ୱରଙ୍କ ଉପଲକ୍ଷେ ଆୟୋଜିତ ରୁଦ୍ରାଭିଷେକରେ ଉଭୟ ପରିବାରର ଉପସ୍ଥିତ ରହି ଦେବାଶିଷ ଗ୍ରହଣ ଥିଲେ। ସନ୍ଧ୍ୟାରେ ମହାଦେବଙ୍କ ପିତା ଲୌକିକ ଦାୟିତ୍ୱ ଥିବା ରାଜେନ୍ଦ୍ର ମଲ୍ଲ ଓ ତାଙ୍କ ବନ୍ଧୁ ପରିବାର ମହାଡମ୍ବରେ ବାଜା ରୋଷଣି ସହ ବରଯାତ୍ରୀ ହୋଇ ଆସିଥିବା ବେଳେ କନ୍ୟା ପକ୍ଷରୁ ୧୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଏକ ଭଜନ ସନ୍ଧ୍ୟା ମଧ୍ୟ ଆୟୋଜିତ ହୋଇଥିଲା।



ପ୍ରକାଶ ଥାଉ କି, ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ରୀତି ନୀତି ଅନୁଯାୟୀ ବରକୁ ବାଟବରଣ, କେବଳ ମହିଳାମାନଙ୍କ ଦ୍ୱାରା ପାନପତ୍ରରେ ମହାଦେବଙ୍କୁ ଗାଲସେକା, ବେଦୀରେ ସମୁଦୀ ଭେଟ ଇତ୍ୟାଦି କରାଯାଇଥିଲା। ମାତାଙ୍କ ବଡ଼ଭାଇ ଭାବେ ଇଂ. ଅଜିତ ଦାଶ, ଅନ୍ତର୍ଯ୍ୟାମୀ ଓ ଗିରିନ୍ଦ୍ର କାର୍ଯ୍ୟ ନିର୍ବାହ କରିଥିଲା ବେଳେ ମାମୁଁ ଭାବେ ଭାଗିରଥି ମହାପାତ୍ର, ଡାକ୍ତର ଗୋପାଳ କର ଓ ଗୋପାଳ ଦାଶ ବେଦୀ କାର୍ଯ୍ୟ ତୁଲାଇ ଥିଲେ।

ଏଥିରେ ସୁଦୂର ଉଦୟପୁର ପ୍ରଫେସର ହେମଲତା ତଲେଶ୍ରା, ନାଗପୁରରୁ ଆଇଏଏସ ଅଧିକାରୀ ଉଷାଶୀ ଗୁହା, ମୀନକେତନ ପାଠୀ, ସୂରଜ ପଟ୍ଟନାୟକ, ଜିତେନ୍ଦ୍ରିୟ ସେଠ୍, ପାର୍ବତୀ ସେଠ୍ ଓ ନିରୁପମା ବଡ଼ପଣ୍ଡା ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ। ଏହି ଦେବ କାର୍ଯ୍ୟରେ ପ୍ରକାଶ ଚନ୍ଦ୍ର ପାଢ଼ୀ, ସ୍ୱରୂପ ପାଣିଗ୍ରାହୀ, ଅକ୍ଷୟ ଦାସ, ଡ଼କ୍ଟର ଚନ୍ଦ୍ରକାନ୍ତି ନାୟକ, ଡ଼କ୍ଟର ସରୋଜିନୀ ସାହୁ, ଡ଼କ୍ଟର ବିଜୟ ସାହୁ, ଭଗବାନ ପତି, ସୂର୍ଯ୍ୟ ପାଢ଼ୀ, ଡାକ୍ତର ପ୍ରଶାନ୍ତ ପାତ୍ର, ଡାକ୍ତର ସୌଭାଗ୍ୟ ଦାଶ, ମଦନ ବେହେରା, ଶୁଭେନ୍ଦୁ ପଣ୍ଡା, ଅଶୋକ ଭାଇନ୍ୱଲ ପ୍ରମୁଖଙ୍କ ପରିଶ୍ରମ ନିହାତି ପ୍ରଶଂସନୀୟ। ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ ଅଗ୍ନି ବାବା କୈବଲ୍ୟ ମୁନି, ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥ ପଲ୍ଲୀର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଚେୟାରମ୍ୟାନ ଦୁର୍ଗା ଚରଣ ତନ୍ତୀ, ଭାରତ ଭୂଷଣ ମହାନ୍ତି, ଶିଳ୍ପପତି ଫକୀର ମହାନ୍ତି, ଡାକ୍ତର ଗୋଷ୍ଠଚନ୍ଦ୍ର ପତ୍ରି, ଡାକ୍ତର ଉତ୍ତମ ଜେନା, ଡାକ୍ତର ଗୀତାଞ୍ଜଳି ପତ୍ରି, ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟନାୟକ, ଡାକ୍ତର ପ୍ରଫୁଲ୍ଲ ମହାପାତ୍ର, ଡାକ୍ତର ବି. ପଟନାୟକ, ଡ଼କ୍ଟର ଜ୍ୟୋତ୍ସ୍ନା ପଟନାୟକ, ଭବାନୀ ଚନ୍ଦେଲ ଭଳି ବହୁ ବିଶିଷ୍ଟ ବ୍ୟକ୍ତି, ସଂସ୍ଥାର ପ୍ରତିନିଧି, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନଙ୍କ ସମାଗମ ହୋଇଥିଲା।

## ବାଇକ୍ ଦୁର୍ଘଟଣାଗ୍ରସ୍ତ; ଚାଳକ ଗୁରୁତର

**ବଣାଇଁ, ୨୧।୬ (ସମିସ):** ବଣାଇଁ ଥାନା ଅନ୍ତର୍ଗତ ତୁମକଳା ସେତୁ ଉପରେ ରବିବାର ସକାଳ ପ୍ରାୟ ସାଢେ ୯ଟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ରଞ୍ଜୟ ସିଂ (୪୨) ଗୁରୁତର ହୋଇଛନ୍ତି। ରଞ୍ଜୟ ସିଂ ଭାସ୍କର ପ୍ଲାଣ୍ଟରୁ କାମ ସାରି ବାଇକ ଯୋଗେ ବଣାଇଁ ଅଭିମୁଖେ ଫେରୁଥିବା ବେଳେ ତୁମକଳା ସେତୁ ଉପରେ ହଠାତ୍ ଭାରସ୍ୟାମ ହରାଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବଣାଇଁ ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଜଣେ ବୃଦ୍ଧାଙ୍କୁ ବଞ୍ଚାଇବାକୁ ଯାଇ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

